# भाकृअनुप – राष्ट्रीय चावल अनुसंधान संस्थान

**ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬**

(An ISO 9001: 2015 Certified Institute)

## କୃଷି ସୂଚନା ସେବା (ଧାନ)

**ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରାଳୟ ଦ୍ୱାରା ସୂଚିତ କୋଭିଡ୍-୧୯ ର ସମସ୍ତ ନିୟମାବଳୀ ଓ ସାଧାରଣ ସତର୍କତା ବ୍ୟବସ୍ଥା ଅନୁଯାୟୀ କୃଷି କାର୍ଯ୍ୟ କରିବା ପାଇଁ ପରାମର୍ଶ**

**୨୦୨୨ ମସିହା ଅଗଷ୍ଟ ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା**

**ଶୁଖିଲା ବୁଣା ଧାନ :**

- ଗଭୀର ଓ ସ୍ୱଳ୍ପଗଭୀର ଛଟାବୁଣା ଧାନ ଜମିରେ ଯେଉଁଠାରେ ଘାସମରା ଔଷଧ ପ୍ରୟୋଗ କରାଯାଇନଥିବ ସେହି ଜମିରେ ୭ ରୁ ୧୦ ସେ.ମି. ଠିଆ ପାଣି ବାନ୍ଧିରଖି ବେଉଷଣି କରନ୍ତୁ ଏବଂ ଏକର ପିଛା ୧୮ କି.ଗ୍ରା ୟୁରିଆ ପିଲସାର ଭାବେ ପ୍ରୟୋଗ କରନ୍ତୁ ।
- ବର୍ଷାଶ୍ରିତ ସ୍ୱଳ୍ପଖାଲୁଆ ସିଧା ଛଟାବୁଣା କରାଯାଇଥିବା ଜମିରେ ଯଦି କୌଣସି ଘାସମରା ଔଷଧ ପ୍ରୟୋଗ କରାଯାଇନାହିଁ ତେବେ ସେହି ଜମିରେ ୭ ରୁ ୧୦ ସେ.ମି. ଠିଆ ପାଣି ବାନ୍ଧିରଖି ବେଉଷଣି କରନ୍ତୁ ଏବଂ ଏକର ପିଛା ୩୬ କି.ଗ୍ରା. ୟୁରିଆ ପିଲସାର ଭାବେ ପ୍ରୟୋଗ କରନ୍ତୁ ।

**ରୁଆ ଧାନ :**

- ଯଦି ତଳିଘରାରେ ବାକାନୀରୋଗ ଦେଖାଯାଏ, ତେବେ ରୋଗିଣା ତଳିକୁ ମୂଳରୁ ଉପାଡି ଦିଅନ୍ତୁ ଏବଂ ତା'ପରେ କାର୍ବେଣ୍ଡାଜିମ୍ ୧୨% +ମ୍ୟାଙ୍କୋଜେବ୍ ୬୩% ଡବ୍ଲ୍ୟୁ.ପି. ଏକ ଲିଟର ପାଣିରେ ୨.୫ ଗ୍ରାମ ହିସାବରେ ମିଶାଇ ସିଞ୍ଚନ କରନ୍ତୁ ।
- ଯଦି ତଳିଘରାରେ ଉକୁଣିଆପୋକ ଦେଖାଯାଏ ତେବେଏକର ପ୍ରତି NSKE (ଆଜାଡିରାକ୍ଟିନ୍) ୮୦୦ ମି.ଲି. କିମ୍ବା ଲାମ୍ବଡାସାଇହାଲୋଥ୍ରିନ୍ ୫% ଇ.ସି. ୧୦୦ ମି.ଲି. କିମ୍ବା ଥାୟାମିଥୋକ୍ସାମ୍ ୨୫% ଡବ୍ଲ୍ୟୁ.ଜି. ୪୦ ଗ୍ରାମ୍ ପ୍ରୟୋଗ କରନ୍ତୁ ।
- ଯେଉଁ ଜାଗାରେ ଚେରଗଣ୍ଠି ସୂତ୍ରଜୀବ କିମ୍ବା କାଣ୍ଡବିନ୍ଧାପୋକର ପ୍ରାଦୁର୍ଭାବ ଅଧିକା ଥାଏ, ସେଠାରେ ଧାନ ବୁଣିବାର ୫ ଦିନ ପରେ ପ୍ରତିବର୍ଗମିଟର ତଳିଘରା ପିଛା, କାର୍ବୋଫୁରାନ୍ ଦାନାଦାର ୩ ଗ୍ରାମ୍ କିମ୍ବା ଫୋରେଟ୍ ୧ ଗ୍ରାମ୍ କିମ୍ବା ଡିଆଜିନନ୍ ୧ ଗ୍ରାମ ହିସାବରେ ପ୍ରୟୋଗ କରନ୍ତୁ ।
- ଯଦି ତଳିଘରାରେ ଚାରା ସଢ଼ାରୋଗ ଦେଖାଯାଏ ତେବେ ପ୍ରୋପିକୋନାଜୋଲ ୧ ମି.ଲି. ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ତଳିଘରାରେ ମହିଷାରୋଗ ଲକ୍ଷଣ ଦେଖାଦେଲେ ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ଡବ୍ଲ୍ୟୁ.ଜି. ୦.୪ ଗ୍ରାମ କିମ୍ବା ଆଇସୋପ୍ରୋଥିଓଲେନ୍ ୪୦ ଇ.ସି. ୧.୫ ମି.ଲି. ଏକ ଲିଟର ହିସାବରେ ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।ଏହାର ୭ ରୁ ୧୦ ଦିନ ପରେ ଆଉ ଥରେ ସିଞ୍ଚନ କରିବା ଦରକାର । ଏକର ପ୍ରତି ୨୦୦ ଲିଟର ଦ୍ରବଣ ଆବଶ୍ୟକ ହୋଇଥାଏ ।

- ତଳିଘରାରେ ପତ୍ରଚିତ୍ରା ରୋଗ ଦେଖାଦେଲେ ଏକ ଲିଟର ପାଣିରେ ୧ ମି.ଲି. ପ୍ରୋପିକୋନାଜୋଲ ୨୫ ଇ.ସି. କିମ୍ବା ମ୍ୟାଙ୍କୋଜେବ୍ ୭୫ ଡବ୍ଲ୍ୟୁ.ପି. କିମ୍ବା ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ ୬୪% ସହିତ ମ୍ୟାଙ୍କୋଜେବ୍ ୮% ୭୫ ଡବ୍ଲ୍ୟୁ.ପି ଭଲଭାବେ ମିଶାଇ ସିଞ୍ଚନ କରନ୍ତୁ ।
- ଟୁଙ୍ଗ୍ରୋ ରୋଗର ଲକ୍ଷଣ ଦେଖାଦେଲେ ଏହି ରୋଗର ବାହକ ସବୁଜ ପତ୍ରଡିଆଁ ପୋକକୁ ନିୟନ୍ତ୍ରଣ କରିବା ପାଇଁ ଏକ ଲିଟର ପାଣିରେ ୦.୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୭.୮ ଏସ୍.ଏଲ କିମ୍ବା ୦.୨ ଗ୍ରାମ୍ ଥାୟାମିଥୋକ୍ସାମ୍ ୨୫ ଡବ୍ଲ୍ୟୁ.ଜି ହିସାବରେ ମିଶାଇ ସିଞ୍ଚନ କରନ୍ତୁ ।
- କାଣ୍ଡବିନ୍ଧା ପୋକ ଏବଂ ପତ୍ରମୋଡା ପୋକର ପ୍ରାଦୁର୍ଭାବ ନିରୀକ୍ଷଣ କରିବା ପାଇଁ ଏକ ଏକର ତଳିଘରା ପିଛା ତିନୋଟି ଫେରୋମୋନ୍ ଯନ୍ତା /ଟ୍ରାପ୍ ରଖନ୍ତୁ । ଯଦି ଗୋଟିଏ ଟ୍ରାପ୍ ପିଛା ୪ ରୁ ୫ଟି ପୁରୁଷ ପୋକ ଦେଖାଯାଆନ୍ତି, ତେବେ ଏକର ପିଛା ୮୦୦ ମି.ଲି. ଆଜାଡିରାକ୍ଟିନ୍ ୦.୧୫% ଇ.ସି. କିମ୍ବା ୪ କି.ଗ୍ରା. କ୍ଲୋରାନଟ୍ରାନିଲିପ୍ରୋଲ୍ ୦.୪% ଜି.ଆର୍. ସହିତ ସମାନ ପରିମାଣର ବାଲି ମିଶାଇ କିମ୍ବା ୬୦ ମି.ଲି. କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. ୨୦୦ ଲିଟର ପାଣିରେ କିମ୍ବା ୧୦ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. ପ୍ରୟୋଗ କରନ୍ତୁ ।
- ନଳୀପୋକ ଦେଖାଦେଲେ ଏକର ପିଛା ୮୦ ମି.ଲି. ଇଣ୍ଡୋକ୍ସାକାର୍ବ ୧୫.୮% ଇ.ସି. କିମ୍ବା ୨୦ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ୩୯.୩୫% ଏସ୍.ସି. ପ୍ରୟୋଗ କରନ୍ତୁ ।
- ମୁଖ୍ୟ ଜମିକୁ ୭-୧୦ ଦିନ ବ୍ୟବଧାନରେ ଦୁଇଥର କାଦୁଅ କରି ଭଲଭାବେ ସମତଳ କରି ଦିଅନ୍ତୁ । ପ୍ରଥମ କାଦୁଅ ପୂର୍ବରୁ ଏକର ପ୍ରତି ୮ କ୍ୱିଣ୍ଟାଲ ସଢା ଗୋବର ଖତ ପ୍ରୟୋଗ କରନ୍ତୁ ।
- ମୁଖ୍ୟ ଜମିରେ ପ୍ରଥମ ଥର କାଦୁଅ କରିବା ସମୟରେ ଧଣିଚ୍ଚ ଗଛକୁ ଭଲଭାବରେ ମିଶାଇ ଦିଅନ୍ତୁ ।
- ଅଗଷ୍ଟ ମାସ ପ୍ରଥମ ପକ୍ଷ ଶେଷ ସୁଦ୍ଧା ତଳି ରୁଆ ଶେଷ କରି ଦିଅନ୍ତୁ ।
- ଅଧିକ ଅମଳକ୍ଷମ କିସମ ପାଇଁ ଏକର ପିଛା (୩୫ କି.ଗ୍ରା. ଡି.ଏ.ପି + ୨୭ କି.ଗ୍ରା ଏମ୍.ଓ.ପି) କିମ୍ବା (୧୮ କି.ଗ୍ରା ୟୁରିଆ + ୧୦୦ କି.ଗ୍ରା. ଏସ୍.ଏସ୍.ପି. + ୨୭ କି.ଗ୍ରା ଏମ୍.ଓ.ପି) ଶେଷ ଓଡ କାଦୁଅ କରିବା ସମୟରେ ମୂଳସାର ଭାବେ ପ୍ରୟୋଗ କରନ୍ତୁ । ବାଲିଆ ମାଟି ହୋଇଥିଲେ ଏକର ପିଛା (୩୫ କି.ଗ୍ରା. ଡି.ଏ.ପି + ୧୩.୫ କି.ଗ୍ରା. ଏମ୍.ଓ.ପି) କିମ୍ବା (୧୮ କି.ଗ୍ରା ୟୁରିଆ + ୧୦୦ କି.ଗ୍ରା. ଏସ୍.ଏସ୍.ପି. + ୧୩.୫ କି.ଗ୍ରା. ଏମ୍.ଓ.ପି) ମୂଳସାର ଭାବେ ପ୍ରୟୋଗ କରନ୍ତୁ ।
- ସଙ୍କରଜାତୀୟ ଧାନ କିସମ ପାଇଁ (୫୩ କି.ଗ୍ରା. ଡି.ଏ.ପି. + ୨୭ କି.ଗ୍ରା. ଏମ୍.ଓ.ପି.) କିମ୍ବା (୨୬ କି.ଗ୍ରା. ୟୁରିଆ + ୧୫୦ କି.ଗ୍ରା.ଏସ୍.ଏସ୍.ପି. + ୨୭ କି.ଗ୍ରା. ଏମ୍.ଓ.ପି.) ମୂଳସାର ଭାବେ ଶେଷ ଓଡ କାଦୁଅ କରିବା ସମୟରେ ପ୍ରୟୋଗ କରନ୍ତୁ ।
- ଦସ୍ତା ଅଭାବ ଥିବା ଜମିରେ ଏକର ପିଛା ୧୦ କି.ଗ୍ରା. ଜିଙ୍କ୍ ସଲଫେଟ୍ କିମ୍ବା ୬ କି.ଗ୍ରା. ଜିଙ୍କ୍-EDTA (ଦୁଇବର୍ଷକୁ ଥରେ) ଶେଷ ଓଡ଼୍ ଜମି ପ୍ରସ୍ତୁତ ସମୟରେ ପ୍ରୟୋଗ କରନ୍ତୁ ।
- ଯେଉଁ ଜମିରେ ବୋରନ୍‌ର ଅଭାବ ଥାଏ ସେଠାରେ ଏକର ପିଛା ବୋରାକ୍ସ ୨ କି.ଗ୍ରା. ଶେଷ ଓଡ଼୍ ଜମି ପ୍ରସ୍ତୁତ ସମୟରେ ପ୍ରୟୋଗ କରନ୍ତୁ ।
- ଅଧିକ ଅମଳକ୍ଷମ ଧାନର ୨୫ ରୁ ୩୦ ଦିନର ତଳି ୨୦ X ୧୫ ସେ.ମି. ବ୍ୟବଧାନରେ ବୁଦା ପ୍ରତି ୨-୩ ଟି ତଳିରୁଅନ୍ତୁ ଏବଂ ସଙ୍କରଜାତୀୟ ଧାନ ବୁଦା ପ୍ରତି ୧-୨ ଟି ତଳିରୁଅନ୍ତୁ ।
- ଘାସ ନିୟନ୍ତ୍ରଣ ପାଇଁ ଏକର ପିଛା ୪ କି.ଗ୍ରା. ଘାସମରା ଦାନାଦାର ବେନ୍‌ସଲଫ୍ୟୁରାନ୍ ମିଥାଇଲ ୦.୬% + ପ୍ରେଟିଲାକ୍ଲୋର ୬% ଜି.ଆର୍. ସହିତ ୪ କି.ଗ୍ରା ବାଲି ମିଶାଇ ଧାନ ତଳି ରୋଇବାର ୫ ରୁ ୧୦ ଦିନ ପରେ ପ୍ରୟୋଗ କରନ୍ତୁ କିମ୍ବା ଘାସ ଗଜା ହେବାର ୮ ରୁ ୧୦ ଦିନ ପରେ ଅର୍ଥାତ୍ ଘାସ ୨-୩ ଟି ପତ୍ର ହୋଇଥିବା ଅବସ୍ଥାରେ ୧୨୦ ମି.ଲି. ବିସ୍‌ପାରିବାକ୍‌ସୋଡିୟମ୍ ୧୦% ଏସ୍.ସି. ୧୬ ଲିଟର କ୍ଷମତା ବିଶିଷ୍ଟ ସ୍ପ୍ରେୟରରେ ୮ ଟାଙ୍କି ଦ୍ରବଣ ପ୍ରୟୋଗ କରନ୍ତୁ ।
- ଯଦି ତଳିଘରାରେ ଉକୁଣିଆ ପୋକ ଦେଖାଯାଏ ତେବେ ଏକର ପ୍ରତି ନିମ୍ବ ମଞ୍ଜିରୁ ତିଆରି ୧ ଲିଟର ଆଜାଡିରାକ୍ଟିନ୍ କିମ୍ବା ଲାମ୍ବଡା ସାଇହାଲୋଥ୍ରିନ୍ ୫ % ଇ.ସି. ୧୦୦ ମି.ଲି. କିମ୍ବା ଥାୟାମିଥୋକ୍ସାମ୍ ୨୫% ଡବ୍ଲ୍ୟୁ.ଜି ୪୦ ଗ୍ରାମ୍ ପ୍ରୟୋଗ କରନ୍ତୁ ।

- ଯେଉଁ ଅଞ୍ଚଳରେ ମାଟିଆ ଗୁଣ୍ଡିପୋକର ପ୍ରାଦୁର୍ଭାବର ସମ୍ଭାବନା ଅଧିକ ଥାଏ, ସେଠାରେ ୮-୧୦ ଟି ଧାଡି ଧାନ ରୋଇବା ପରେଏକ ଧାଡି ବ୍ୟବଧାନ ଛାଡି ପୁର୍ଣି ରୁଅନ୍ତୁ ।
- କାଣ୍ଡବିନ୍ଧାପୋକ ପ୍ରାଦୁର୍ଭାବ ସମ୍ଭାବନା ଥିବା ଅଞ୍ଚଳରେ ଟ୍ରାଇକୋଗ୍ରାମା ଜାପୋନିକମ୍ ପରଜିବୀର ଅଣ୍ଡାଏକର ପ୍ରତି ୪୦,୦୦୦ (ଅର୍ଥାତ୍ ୩ଟି ଟ୍ରାଇକୋ କାର୍ଡ) ତିନିଥର ବ୍ୟବହାର କରନ୍ତୁ ।
- କାଣ୍ଡବିନ୍ଧାପୋକ ଓ ପତ୍ରମୋଡାପୋକର ଦମନ ପାଇଁଏକର ପିଛା ଗୋଟିଏ ଲାଇଟଟ୍ରାପ୍ (ଆଲୋକ ଯନ୍ତା) ବ୍ୟବହାର କରନ୍ତୁ ।
- ଧାନ ଫସଲରେ କାଣ୍ଡବିନ୍ଧାପୋକ ଏବଂ ପତ୍ରମୋଡା ପୋକର ନିରୀକ୍ଷଣ ପାଇଁ ଏକର ପିଛା ତିନୋଟି ଫେରୋମୋନ୍ ଟ୍ରାପ୍ ରଖନ୍ତୁ । ଯଦି ଗୋଟିଏ ଦିନରେ ଟ୍ରାପ୍ ପିଛା ୪ ରୁ ୫ଟି ପୁରୁଷ ପ୍ରଜାପତି ପଡନ୍ତି, ତେବେ ଏକର ପିଛା ୮୦୦ ମି.ଲି. ଆଜାଡିରାକ୍ଟିନ୍ ୦.୧୫% ଇ.ସି. କିମ୍ବା ୪ କି.ଗ୍ରା. କ୍ଲୋରାନଟ୍ରାନିଲିପ୍ରୋଲ୍ ୦.୪% ଜି.ଆର୍. ସହିତ ବାଲି ସମାନ ଭାବରେ ମିଶାଇ କିମ୍ବା ୬୦ ମି.ଲି. କ୍ଲୋରାନ୍ଟ୍ରାନିପ୍ରୋଲ ୧୮.୫% ଏସ୍.ସି. ୨୦୦ ଲିଟର ପାଣିରେ କିମ୍ବା ୧୦ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. କିମ୍ବା ୫୦ ଗ୍ରାମ୍ ଫ୍ଲୁବେଣ୍ଡାଡିଆମାଇଡ୍ ୨୦ ଡବ୍ଲ୍ୟୁ.ଜି. ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।
- ଧାନବୁଦା ପ୍ରତି ଯଦି ୨ଟି ମୋଡାପତ୍ର ଦେଖାଯାଏ, ତେବେ ପତ୍ରମୋଡା ପୋକର ନିୟନ୍ତ୍ରଣ ପାଇଁ ଏକର ପିଛା ୬୦ ମି.ଲି. କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫ % ଏସ୍.ସି. କିମ୍ବା ୫୦ ଗ୍ରାମ୍ ଫ୍ଲୁବେଣ୍ଡାଡିଆମାଇଡ୍ ୨୦ ଡବ୍ଲ୍ୟୁ.ଜି. କିମ୍ବା ୪୦୦ ଗ୍ରାମ୍ କାର୍ଟାପ୍ ୫୦ ଡବ୍ଲ୍ୟୁ.ପି. କିମ୍ବା ୬୪୦ ମି.ଲି. କୁଇନାଲଫସ୍ ୨୫ ଇ.ସି. ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।
- ଚାଷୀଭାଇମାନେ ଧାନ ଚାଷ ସମ୍ପର୍କରେ ଅଧିକ ସୂଚନା ବା ବିବରଣୀ ଜାଣିବା ପାଇଁ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ ଦ୍ୱାରା ବିକଶିତ ରାଇସ୍ ଏକ୍ସପୋର୍ଟ ମୋବାଇଲ ଆପ୍ (riceXpert) ଗୁଗୁଲ୍ ପ୍ଲେଷ୍ଟୋରରୁ ଡାଉନ୍‌ଲୋଡ କରି ବ୍ୟବହାର କରିପାରିବେ ।

**ନିଅଣ୍ଟିଆ ବର୍ଷା ଅଞ୍ଚଳ ଏବଂ କେନାଲ ପାଣି ମିଳୁନଥିବା ଜଳସେଚିତ ଜମି ପାଇଁ ପରାମର୍ଶ**

- ରୁଆ କିମ୍ବା ବୁଣାଧାନରେ ଉପଯୁକ୍ତ ବତର ଥିଲେ ହିଁ ସେ ଜାଗାରେ ଶୀର୍ଷସାର ପକାନ୍ତୁ ।
- ପାଣି ଅଭାବରୁ ଧାନ ରୁଆ କାମ ଡେରି ହୋଇଥିବା ଅଞ୍ଚଳରେ ସହଳ କିମ୍ବା ମଧମ ସହଳ କିସମର ୨୫-୩୦ ଦିନର ତଳି ବ୍ୟବହାର କରନ୍ତୁ । ଅଧିକ ଦିନିଆ କିସମର ୪୫-୫୦ ଦିନର ତଳି ୧୫ X ୧୫ ସେ.ମି. ବ୍ୟବଧାନରେ ବୁଦାପ୍ରତି ୪-୫ ଟି ତଳି ଅଗଭୀର କରି ସିଧା ଭାବେ ପୋତନ୍ତୁ ।
- ବୁଣା କିମ୍ବା ରୁଆ ଧାନରେ ପିଲଦେବା ଅବସ୍ଥାରେ ଅଧିକ ଦିନ ପର୍ଯ୍ୟନ୍ତ ଶୁଖିଲା ପାଗ ରହିଲେ ଜଳସେଚନ ଦେଇ ମାଟିର ବତର ବଜାୟ ରଖନ୍ତୁ ।
- ଜମିରେ ଉପଯୁକ୍ତ ବତର ନଥିବା ସମୟରେ ଘାସମରା ଔଷଧ ପ୍ରୟୋଗ କରନ୍ତୁ ନାହିଁ ।
- ଯଦି ତଳିଘରାରେ ଖାଦ୍ୟସାର ଅଭାବଜନିତ ଲକ୍ଷଣ ଯଥା ପତ୍ର ହଳଦିଆ କିମ୍ବା ପତ୍ର ଅଗ ଖଇରିଆ ପଡିଯାଏ, ତେବେ ଜିଙ୍କସଲଫେଟ୍ ୦.୫% + ୟୁରିଆ ୨.୫% ମିଶାଇ ସିଞ୍ଚନ କରନ୍ତୁ ।

*******